# NATIONAL NEWS BULLETIN (ODIA)
## 24 August - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେବେ ଉଦ୍‌ବୋଧନ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି କରିବେ ମହାରାଷ୍ଟ୍ରର ଜଲଗାଓଁ ଓ ରାଜସ୍ଥାନର ଜୋଧପୁର ଗସ୍ତ ।
- ଆସନ୍ତା ୨୯ ତାରିଖ ଦିନ ଦେଶ ବ୍ୟାପି ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାକୁ ଆହ୍ୱାନ ଦେଲେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ।
- ଭାରତୀୟ ନୌବାହିନୀର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ମୁମ୍ବାଇ ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ ସୋମବାର ପହଞ୍ଚିବ କଲମ୍ବୋରେ ।

ଏବଂ

- ପାରା ଅଲିମ୍ପିକ୍ସରେ ଭାଗ ନେବା ପାଇଁ ଭାରତୀୟ ପାରା ସୁଟିଂ ଦଳର ପ୍ୟାରିସ୍ ଯାତ୍ରା ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମନ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Streaming ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପିଏମ୍-ମହାରାଷ୍ଟ୍ର-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମହାରାଷ୍ଟ୍ରର ଜଲଗାଓଁ ଓ ରାଜସ୍ଥାନର ଜୋଧପୁର ଗସ୍ତ କରିବେ । ସକାଳେ ସେ ଜଲଗାଓଁରେ ଅନୁଷ୍ଠିତ ଲକ୍ଷପତି ଦିଦି ସମ୍ମିଳନୀରେ ଯୋଗଦେବେ । ସେଠାରେ ସେ ୧୧ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିବେ । ଏହି ୧୧ଲକ୍ଷ ମହିଳା, ଏନ୍.ଡି.ଏ. ସରକାରଙ୍କ ତୃତୀୟ ପାଳିରେ ଲକ୍ଷପତି ହୋଇପାରିଛନ୍ତି । ଏହି ଅବସରରେ ଆୟୋଜିତ

କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସାରା ଦେଶର ଲକ୍ଷପତି ଦିଦିଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାବବିନିମୟ କରିବେ । ୪୮ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ ୨ହଜାର ୫୦୦ କୋଟି ଟଙ୍କାର ଏକ ସ୍ଥାୟୀ ପାଣ୍ଠିର ଶୁଭାରମ୍ଭ କରିବେ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୬ ଲକ୍ଷ ସଦସ୍ୟଙ୍କ ସୁବିଧା ପାଇଁ ସେ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ପ୍ରଦାନ କରିବେ ।

ସୂଚନା ଯୋଗ୍ୟ କେନ୍ଦ୍ର ସରକାରଙ୍କ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେବା ପରେ ପ୍ରାୟ ୧ କୋଟି ମହିଳା ଲକ୍ଷପତି ହୋଇପାରିଛନ୍ତି । ଦେଶରେ ତିନି ଲକ୍ଷ ଲକ୍ଷପତି ଦିଦି କରିବାକୁ ସରକାର ଲକ୍ଷ ରଖିଛନ୍ତି ।

ଆସନ୍ତାକାଲି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ରାଜସ୍ଥାନର ଜୋଧପୁରରେ ପହଞ୍ଚିବେ । ସେଠାରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ପ୍ଲାଟିନମ୍ ଜୁବ୍‌ଲି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସେଠାରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଏକ ସଂଗ୍ରହାଳୟକୁ ଉନ୍ମୋଚନ କରିବେ ।

## ପିଏମ୍-ଆକ୍ସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ତାନାହୁନ୍ ଜିଲ୍ଲାରେ ଘଟିଥିବା ସଡ଼କ ଦୁର୍ଘଟଣାର ମୃତକଙ୍କ ପାଇଁ ଅନୁକମ୍ପା ମୂଳକ ସହାୟତା

ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରତ୍ୟେକ ମୃତକଙ୍କ ପରିବାରକୁ ପ୍ରଦାନ କରାଯିବ । ଏହି ଦୁର୍ଘଟଣାରେ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏହି ଦୁର୍ଘଟଣାରେ ୨୭ ଜଣ ଭାରତୀୟ ନାଗରୀକଙ୍କ ମୃତ୍ୟୁ ହୋଇଥିବା କାଠମାଣ୍ଡୁ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ।

## ନେପାଳ-ଆକ୍ସିଡେଣ୍ଟ

ନେପାଳ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଜଳଗାଓଁ ଜିଲ୍ଲାର ୨୪ ଜଣଙ୍କ ମୃତଦେହ ଆଜି ଅଣାଯାଉଛି। ମୃତଦେହକୁ ଉତ୍ତରପ୍ରଦେଶର ଗୋରଖପୁର ଅଣାଯାଇ ସେଠାରୁ ଭାରତୀୟ ବାୟୁସେନା ବିମାନଯୋଗେ ସେମାନଙ୍କୁ ନାସିକ ପଠାଯିବ । ମୃତଦେହକୁ ମହାରାଷ୍ଟ୍ର ଫେରାଇ ଆଣିବା ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇଛନ୍ତି। ଶ୍ରୀ ସିନ୍ଦେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କୁ ପୂର୍ଣ୍ଣ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସମଗ୍ର ପ୍ରକ୍ରିୟାର ସମନ୍ୱୟ ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଶ୍ରୀ ସିନ୍ଦେ ଏହି ୨୪ ଜଣଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସ୍ପୋର୍ଟସ୍ ଡେ-ମାଣ୍ଡବ୍ୟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆସନ୍ତା ୨୯ ତାରିଖ ଦିନ ଦେଶ ବ୍ୟାପି ଜାତୀୟ କ୍ରୀଡ଼ା ଦିବସ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି । ଭାରତକୁ ଏକ ସୁସ୍ଥ ଦେଶ ଭାବେ ଗଢ଼ିତୋଳିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଆହ୍ୱାନକୁ ସେ ଦୋହରାଇଛନ୍ତି । ପ୍ରତ୍ୟେକ ଭାରତୀୟ ନିଜକୁ ସୁସ୍ଥ ଓ ସବଳ ରଖିବାର ଦାୟିତ୍ୱ ନେଇ ସୁସ୍ଥ ଭାରତ ଅଭିଯାନକୁ ଆଗେଇ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଜାତୀୟ କ୍ରୀଡ଼ା ଦିବସ ଆମ ଦେଶର କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନ ଜଣାଇବାର ସହିତ କ୍ରୀଡ଼ା ମାଧ୍ୟମରେ କିପରି ସୁସ୍ଥ ଓ ସନ୍ତୁଳିତ ଜୀବନଯାପନ କରାଯାଇ ପାରିବ ସେ ବିଷୟରେ ସଚେତନ ହେବାର ଏକ ଅବସର ବୋଲି ସେ କହିଛନ୍ତି ।

## ପୀୟୂଷ ଗୋୟଲ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଶିଳ୍ପ ଗୁଡ଼ିକୁ ବିପୁଳ ସଂଖ୍ୟାରେ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ଯୋଗାଇଦେଇ ଲକ୍ଷାଧିକ ଲୋକମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ ଦେଶ ଗଠନରେ ସହାୟକ ହୋଇଛି । ନୂଆଦିଲ୍ଲୀରେ

ଆୟୋଜିତ ଦଶମ ଆନ୍ତର୍ଜାତିକ ଏମ୍.ଏସ୍.ଏମ୍.ଇ. ଷ୍ଟାର୍ଟଅପ୍ ଏକ୍ସପୋ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବୃହତ ଶିଳ୍ପ ଗୁଡ଼ିକ ପାଇଁ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଉଭୟ ଗ୍ରାହକ ଓ ଯୋଗାଣକାରୀ ଭାବେ କାର୍ଯ୍ୟ କରୁଛି । ପର୍ଯ୍ୟଟନ ଓ ମୌଳିକଢାଞ୍ଚା ବିକାଶ କ୍ଷେତ୍ରରେ ଏମ୍.ଏସ୍.ଏମ୍.ଇ. ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସେ କହିଛନ୍ତି ।

## ଆଇଏନ୍‌ଏସ୍ ମୁମ୍ବାଇ

ଭାରତୀୟ ନୌବାହିନୀର ଯୁଦ୍ଧ ଜାହାଜ ଆଇ.ଏନ୍.ଏସ୍. ମୁମ୍ବାଇ ଆସନ୍ତା ସୋମବାର ଦିନ ତିନି ଦିନିଆ ଗସ୍ତ କାର୍ଯ୍ୟକ୍ରମରେ କଲମ୍ବୋ ପହଞ୍ଚିବ । ଏହି ଜାହାଜକୁ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା ନୌବାହିନୀ ସ୍ୱାଗତ କରିବ ।

ସୂଚନା ଯୋଗ୍ୟ ଆଇ.ଏନ୍.ଏସ୍. ମୁମ୍ବାଇ ଯୁଦ୍ଧ ଜାହାଜ ଭାରତୀୟ ନୌବାହିନୀରେ ୨୦୦୧ ମସିହା ଜାନୁଆରୀ ୨୨ ତାରିଖରେ ଯୋଗଦେଇଥିଲା । ଗତବର୍ଷ ଡିସେମ୍ବର ୮ ତାରିଖରେ ଏହି ଜାହାଜକୁ ପୁଣି ବିକଶିତ କରାଯାଇ ବିଶାଖା ପାଟଣାର ପୂର୍ବ ନୌ-କମାଣ୍ଡରେ ସାମିଲ କରାଯାଇଥିଲା । ପ୍ରଥମଥର ପାଇଁ ଆଇ.ଏନ୍.ଏସ୍. ମୁମ୍ବାଇ ଶ୍ରୀଲଙ୍କା ଯିବ, ଏଥିସହିତ ଶ୍ରୀଲଙ୍କାକୁ ଗସ୍ତ କରୁଥିବା ଭାରତୀୟ ନୌବାହିନୀର ଏହା ଅଷ୍ଟମ ଜାହାଜ ହେବ । ତିନିଦିନ ରହଣୀ ଅବସରରେ ଆଇ.ଏନ୍.ଏସ୍.

ମୁମ୍ବାଇ ଶ୍ରୀଲଙ୍କା ନୌବାହିନୀର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବ । ଏହି କାର୍ଯ୍ୟକ୍ରମ ମଧ୍ୟରେ କ୍ରୀଡ଼ା, ଯୋଗ, ଉପକୂଳ ସଫେଇ କାର୍ଯ୍ୟକ୍ରମ ଆଦି ରହିଛି । ଆଇ.ଏନ୍.ଏସ୍. ମୁମ୍ବାଇ ଆସନ୍ତା ୨୯ ତାରିଖ ଦିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ ।

## ଆର୍‌ଜି କର ଅପ୍‌ଡେଟ୍

ସିବିଆଇ ଆର୍.ଜି. କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ସମେତ ୭ ଜଣଙ୍କର ପଲିଗ୍ରାଫ୍ ଟେଷ୍ଟ କରିବାକୁ ଯାଉଛି । ଏହା ବ୍ୟତୀତ ଏହି ଘଟଣାରେ ଗିରଫ୍ ହୋଇଥିବା ଅଭିଯୁକ୍ତ ସଂଜୟ ରାୟ ସମେତ କୋଲକାତା ପୁଲିସ୍‌ର ଦୁଇ ଜଣ ନାଗରୀକ ସ୍ୱଚ୍ଛାସେବୀଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯିବ । ଆର୍.ଜି. କର ହସ୍ପିଟାଲ୍ ଦୁଷ୍କର୍ମ ଘଟଣା ଦିନ ଡାକ୍ତରୀ ଛାତ୍ରୀଙ୍କ ସହିତ କାର୍ଯ୍ୟରତ ୪ ଜଣ ଡାକ୍ତରଙ୍କର ମଧ୍ୟ ପଲିଗ୍ରାଫ୍ ଟେଷ୍ଟ କରାଯିବ । ଏହି ପଲିଗ୍ରାଫ୍ ଟେଷ୍ଟ ପାଇଁ ସିଆଲ୍‌ଦା ନ୍ୟାୟାଳୟ ସିବିଆଇକୁ ଅନୁମତି ଦେଇଛନ୍ତି । କୋର୍ଟ୍ ମଧ୍ୟ ଗତକାଲି ସଂଜୟ ରାୟକୁ ୧୪ ଦିନିଆ ଜେଲ୍ ହେପାଜତରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ଏହି ଘଟଣାର ତଦନ୍ତ କରୁଥିବା ଏସ୍.ଆଇ.ଟି. ସି.ବି.ଆଇ.କୁ କୋଲକାତା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ସମସ୍ତ କାଗଜପତ୍ର ହସ୍ତାନ୍ତର କରିଛି ।

# ଚୀନ୍-ଫାୟାର୍

ଚୀନ୍‌ର ସୁକିଆନ୍ ସହରରେ ଥିବା ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କର ମୃତ୍ୟୁ ଘଟିଛି । ଅଗ୍ନିସମ ବିଭାଗ ସୂତ୍ରରୁ ଜଣାପଡ଼ିଛି, ଘଟଣା ସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ଏହି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରାଯାଉଛି ।

# ୟୁଏସ୍-ବ୍ଲିଙ୍କେନ୍

ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ ମଲ୍ଟି ମିଶନ ଏମଏଚ-୬୦ଆର ସିହକ୍ ହେଲିକପ୍ଟର ପାଇଁ ୫୨.୮ ନିୟୁତ ଆମେରିକୀୟ ଡଲାର ବ୍ୟୟରେ ଭାରତକୁ ବୁଡ଼ାଜାହାଜ ନିରୋଧୀ ଯୁଦ୍ଧ ବିମାନ ଏବଂ ଆନୁଷଙ୍ଗିକ ଉପକରଣର ସମ୍ଭାବ୍ୟ ବିଦେଶୀ ସାମରିକ ବିକ୍ରୟ କୁ ମଞ୍ଜୁରୀ ଦେଇଛନ୍ତି। ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି ଗତକାଲି ଆମେରିକା କଂଗ୍ରେସକୁ ଏହି ସମ୍ଭାବ୍ୟ ବିକ୍ରୟ ବିଷୟରେ ଅବଗତ କରାଇ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଛି। ବାଇଡେନ ପ୍ରଶାସନର ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଚୁକ୍ତି ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ଏକ ପ୍ରମୁଖ ପ୍ରତିରକ୍ଷା ସହଯୋଗୀ ଭାରତର ସୁରକ୍ଷାରେ ଉନ୍ନତି ଆଣିବାରେ ସାହାଯ୍ୟ କରି ୱାଶିଂଟନର ବୈଦେଶିକ

ନୀତି ଏବଂ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ସମର୍ଥନ କରିବ । ଭାରତ-ପ୍ରଶାନ୍ତ ମହାସାଗରୀୟ ଏବଂ ଦକ୍ଷିଣ ଏସିଆ ଅଞ୍ଚଳରେ ରାଜନୈତିକ ସ୍ଥିରତା, ଶାନ୍ତି ଏବଂ ଅର୍ଥନୈତିକ ପ୍ରଗତି ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ହୋଇ ରହିଛି। ଏହି ପ୍ରସ୍ତାବିତ ବିକ୍ରୟ ଭାରତ-ଆମେରିକା ରଣନୈତିକ ଏବଂ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବ ବୋଲି କୁହାଯାଇଛି ।

# ପାରା ଅଲିମ୍ପିକ୍ସ-ସୁଟିଂ

ପ୍ୟାରିସ୍ ପାରା ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେବା ପାଇଁ ଆଜି ଭାରତୀୟ ପାରା ସୁଟିଂ ଦଳ ପ୍ୟାରିସ୍ ଅଭିମୁଖେ ଯାତ୍ରା କରିଛି । ଏହି ଦଳରେ ୧୦ ଜଣ ଖେଳାଳି ଅଛନ୍ତି । ପାରା ସୁଟିଂରେ ଗତ ଟୋକିଓ ଅଲିମ୍ପିକ୍‌ରେ ଭାରତୀୟ ଦଳକୁ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ମୋଟ୍ ୪ଟି ପଦକ ମିଳିଥିଲା । ଗତଥର ସ୍ୱର୍ଣ୍ଣ ପଦକ ଜିତିଥିବା ଆଭଭାନୀ ଲେଖାରା ଓ ମନିଶ୍ ନରୱାଲ୍ ପୁଣିଥରେ ସ୍ୱର୍ଣ୍ଣପଦକ ଜିତିବା ନେଇ ଆଶା କରାଯାଉଛି ।

ସୂଚନା ଯୋଗ୍ୟ ଆସନ୍ତା ୩୦ ତାରିଖ ଦିନ ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ବନ୍ଧୁକଚାଳନା କ୍ରୀଡ଼ା ଅନୁଷ୍ଠିତ ହେବ ।

# ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଛତିଶଗଡ଼, ଓଡ଼ିଶା, ପଶ୍ଚିମ ରାଜସ୍ଥାନ, ପୂର୍ବ ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ଗାଙ୍ଗେୟ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି । ପ୍ରବଳରୁ ଅତିପ୍ରବଳ ବର୍ଷା ମିଜୋରାମ, ତ୍ରିପୁରା, ଗୁଜରାଟ, ଗୋଆ ଏବଂ ମଧ୍ୟପ୍ରଦେଶର କେତେକ ଅଞ୍ଚଳରେ ଆସନ୍ତା ଦୁଇ ଦିନ ମଧ୍ୟରେ ହେବା ନେଇ ମଧ୍ୟ ପୂର୍ବାନୁମାନ କରାଯାଉଛି । ଆସନ୍ତା ଦୁଇ ଦିନ ମଧ୍ୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପୂର୍ବ ରାଜସ୍ଥାନ, ଜାମ୍ମୁ କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ପଞ୍ଜାବ, ଉତ୍ତରପ୍ରଦେଶ, ହରିଆନା ଏବଂ ଦିଲ୍ଲୀରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।